# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 536 CUTTACK, SATURDAY, MARCH 25, 2017/CHAITRA 4, 1939**

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

ତାରିଖ 3 ମାର୍ଚ୍ଚ 2017

ସଂଖ୍ୟା 7087—RDM-LAA-MBJ-0009/2017-R&DM.—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲ ନିମନ୍ତେ ମୌଜା ଗଣ୍ଡଗୁହାଳି, ଥାନା ମୋରଡା ନଂ. ୪୦, ତହସିଲ ମୋରଡା, ଜିଲ୍ଲା ମୟୂରଭଞ୍ଜରେ ନିମ୍ନ ତଫସିଲମତେ ପ୍ରାୟ ୦.୮୨ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, 2013ର ଧାରା 11(1)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

1. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ—ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲ ନିମନ୍ତେ ।
2. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ—ନିର୍ବାହୀ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୁରଭଞ୍ଜ ।
3. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ—ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।
4. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ—ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
5. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ—ଉପଜିଲ୍ଲାପାଳ, ବାରିପଦା, ମୟୂରଭଞ୍ଜ ।
6. ଜମିର ବିବରଣୀ—

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| ମୟୂରଭଞ୍ଜ | ମୋରଡା | ଗଣ୍ଡଗୁହାଳି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୩.୫୫ ଏକର | ୦.୮୨ ଏକର | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

## ଭୂମି ଅନୁସୂଚୀ

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ପ୍ରଜାଙ୍କ ନାମ,ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| (୧) | (୨) | (୩) ଏକର | (୪) ଏକର | (୫) | (୬) |
| 54 | 598 | 0.16 | 0.12 | ଶାରଦ ଜଳ ଏକ | ବାଲୁନ ମାଝୀ, ଟିକାରାମ ମାଝୀ, ପି. ଖୁଦିଆ ମାଝୀ, ଜା. ସାନ୍ତାଳ, ବା. ନିଜଗାଁ । |
| 69 | 604 | 1.00 | 0.16 | ଶାରଦ ଜଳ ଏକ | ଭାଗିରଥି ବେହେରା, ପି. ଦୁବେଇ ବେହେରା, ଜା. କମାର, ବା. ହଳଦିପାଳ । |
| 113 | 597 | 0.17 | 0.15 | ଶାରଦ ଜଳ ଏକ | ସୁରେନ୍ଦ୍ର ମାଝୀ, ପି. ଡମାନ ମାଝୀ, ଜା. ସାନ୍ତାଳ, ବା. ନିଜଗାଁ । |
| 119 | 601 | 0.69 | 0.12 | ଶାରଦ ଜଳ ଏକ | ହିନ୍ଦୁ ମାଝୀ, ଲକ୍ଷ୍ମଣ ମାଝୀ, ନୁନାରାମ ମାଝୀ, ସିଦ ମାଝୀ, ପି. କାଳିଆ ମାଝୀ, ଲଛମୀ ମାଝୀ, ସ୍ୱା. ଗୋବିନ୍ଦା ମାଝୀ, ଜା. ସାନ୍ତାଳ, ବା. ନିଜଗାଁ । |
| 119/44 | 606 | 0.93 | 0.10 | ଶାରଦ ଜଳ ଏକ | ପଡଗ ମାଝୀ, ପି. ସାନ ମାନସିଂ ମାଝୀ, ମାନ୍ଦ ସରେନ, ପି. ସାନ ମାନସିଂ ମାଝୀ, ଜା. ସାନ୍ତାଳ, ବା. କ୍ଷିରୀପଦା, ଥାନା ବୈଶିଙ୍ଗା । |
| 119/55 | 605 | 0.04 | 0.04 | ଶାରଦ ଜଳ ଏକ | ଶତ୍ରୁଘ୍ନ ଦାସ, ପି. ଆନନ୍ଦ ଚନ୍ଦ୍ର ଦାସ, ଜା. ବୈଷ୍ଣବ, ବା. ଖୁଣ୍ଟାପାଳ । |
| 119/66 | 600/761 | 0.21 | 0.08 | ଶାରଦ ଜଳ ଏକ | ସର୍ବେଶ୍ୱର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ପି. ବିନୋଦ ଚନ୍ଦ୍ର ମହାନ୍ତ, ଜା. କୁଡୁମୀ, ବା. ହଳଦିପାଳ । |
| 121/3 | 610 | 0.35 | 0.05 | ଶାରଦ ଜଳ ଏକ | ଶିବ ମାଝୀ, ଦୁର୍ଗା ମାଝୀ, ମଧୁ ମାଝୀ, ପି. ଲକ୍ଷ୍ମଣ ମାଝୀ, ଜା. ସାନ୍ତାଳ, ବା. ନିଜଗାଁ । |
| ମୋଟ | ୮ ପ୍ଲଟ | **3.55** | **0.82** | | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଅଭୟ କୁମାର ନାୟକ**

ଯୁଗ୍ମ ଶାସନ ସଚିବ

Printed and Published by the Director,Directorate of Printing, Stationery and Publication, Odisha, Cuttack-10
Ex. Gaz 2406–173+20